## ଭାସିଯାଇଥିବା ଯୁବକଙ୍କ ମୃତଦେହ ମିଳିଲା

ଭଞ୍ଜନଗର, (ଡି.ଏନ୍.ଏ):ଭଞ୍ଜନଗର କୋର୍ଟର ନୂତନ ଏଡିଜେ ଭାବେ ଦେବଦତ୍ତ ପଟ୍ଟନାୟକ ମଙ୍ଗଳବାର କାର୍ଯ୍ୟରେ ଯୋଗଦେଇଛନ୍ତି। ଏ ନେଇ ବାର ଆସୋସିଏଶନ ପକ୍ଷରୁ ଏକ ସ୍ୱାଗତ ସଭା ହୋଇଥିଲା। ଏଥିରେ ବାର ଆସୋସିଏଶନ ସଭାପତି ସନ୍ତୋଷ କୁମାର ନାୟକ ଅଧ୍ୟକ୍ଷତା କରିଥିଲେ। ସବ୍ ଜଜ୍ ସୋମାଲିନା ମିଶ୍ର, ବରିଷ୍ଠ ଆଇନଜୀବୀ ଏମଉ ତାଜ ଆଦେନୀ, ଦଣ୍ଡପାଣି ସ୍ୱାଇଁ, ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ରମେଶ ପଣ୍ଡା, ରଞ୍ଜିତ ପଟ୍ଟନାୟକ, ଦିବାକର ନାୟକ, ଉପସଭାପତି ଧୀରେନ କୁମାର ସ୍ୱାଇଁ, ସମ୍ପାଦକ ଅମରେଶ ମହାପାତ୍ର, ସହ ସମ୍ପାଦକ ଚନ୍ଦ୍ର ମଣି ମହାପାତ୍ର, କୋଷାଧ୍ୟକ୍ଷ ଗିରିଜା ଶଙ୍କର ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

# ଅଣଧାନ ଫସଲ ଲାଗି ବଜାର ସୁବିଧା ଜରୁରୀ

**ଛତ୍ରପୁର,୧୯।୭(ଡି.ଏନ୍.ଏ.)**

ଗଞ୍ଜାମ ଜିଲାରେ ଅଣ ଧାନ ଫସଲ ଲାଗି ସଚେତନତା ସହ ପ୍ରଶିକ୍ଷଣ ପ୍ରଦାନ କରାଗଲେ ଚାଷୀମାନେ ଅଧିକ ଲାଭବାନ ହୋଇପାରିବେ। ଜିଲାର କେଉଁ ବ୍ଲକରେ କେଉଁ ଫସଲ ଭଲ ହେଉଛି ତାହାର ଆକଳନ କରି ଉକ୍ତ ତଥ୍ୟକୁ ଆଧାରରେ ବ୍ଲକରେ କାର୍ଯ୍ୟ ଖସଡା ପ୍ରସ୍ତୁତ ହେବ। ଏହାଦ୍ୱାରା ଜିଲାର ଚାଷୀମାନେ ଅଧିକ ଉପକୃତ ହେବେ। ଏଥିସହିତ କୃଷି କ୍ଷେତ୍ରରେ ଜିଲା ସୁନାମ ଆଣିବ ବୋଲି ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ମଙ୍ଗଳବାର ଜିଲା କୃଷି ରଣନୀତି କମିଟି ବୈଠକରେ କହିଛନ୍ତି। କୃଷି ରଣନୀତି କମିଟିର ଅଧ୍ୟକ୍ଷ ତଥା ଜିଲାପାଳ ପରିଡା ଜିଲାର କୃଷିଜାତ ଫସଲର ବିକାଶ ନିମନ୍ତେ ଗୁରୁତ୍ୱ ଦେଇଥିଲେ। ଜିଲାରେ ରହିଥିବା କୃଷି ଭିତ୍ତିଭୂମିକୁ ଆଧାର କରି ଅନୁକୂଳ ପାଣିପାଗର ସ୍ଥିତି, ଚାଷ ଜମିର ମାଟି ପରୀକ୍ଷା, ଉନ୍ନତମାନର ଚାରା, ସାରର ଉପଯୁକ୍ତ ବିନିଯୋଗ, ଜଳଯୋଗାଣ, କୃଷି ଋଣ, ଉନ୍ନତ ଧରଣର ଅତ୍ୟାଧୁନିକ କୃଷିଭିତ୍ତିକ ପ୍ରଶିକ୍ଷଣ, ଯନ୍ତ୍ରାଂଶର ବ୍ୟବହାର ଓ ସଚେତନତା ଦିଗରେ ବିସ୍ତୃତ ଆଲୋଚନା କରି ଆଗାମୀ ଖରିଫ ଚାଷ ନିମନ୍ତେ କାର୍ଯ୍ୟ ଖସଡା ପ୍ରସ୍ତୁତ କରାଯାଇଥିଲା। ମୁଖ୍ୟ ଜିଲା କୃଷି ଅଧିକାରୀ ଦିଲୀପ କୁମାର ଖୁଣ୍ଟିଆ ଆଗାମୀ ଖରିଫ ଚାଷ ପ୍ରସ୍ତୁତ ହୋଇଥିବା କାର୍ଯ୍ୟ ଖସଡ଼ାର ସମସ୍ତ ବିବରଣୀ ଉପସ୍ଥାପନ କରିଥିଲେ। ଗତ ୨୦୨୧–୨୨ ରବି ଚାଷରେ ୨,୨୧,୬୨୫ ହେକ୍ଟର ଜମିରେ ଚାଷ ନିମନ୍ତେ ଲକ୍ଷ୍ୟ ରଖାଯାଇଥିବା ବେଳେ ୨,୨୧,୫୦୩ ହେକ୍ଟର ଜମିରେ ଚାଷ କରାଯାଇଥିଲା। ଏହି ଚାଷ ନିମନ୍ତେ ୨୦,୬୪୦ ମେଟ୍ରିକ ଟନ ରାସାୟନିକ ସାର ବ୍ୟବହାର ସକାଶେ ଲକ୍ଷ୍ୟ ରଖାଯାଇଥିବା ସ୍ଥଳେ ୨୪,୧୬୩ ମେଟ୍ରିକ ଟନ ରାସାୟନିକ ସାର ବିନିଯୋଗ ହୋଇଛି। ଜିଲାରେ ମୃତ୍ତିକା ପରୀକ୍ଷଣ ନିମନ୍ତେ ଦୁଇଟି ମୋବାଇଲ ଭ୍ୟାନ ରହିଛି । ଜିଲ୍ଲାକୁ ଉତ୍ତମମାନର ଚାରା ଆସୁଛି। ସେହି ଚାରା ସମ୍ପର୍କରେ ଚାଷୀଙ୍କ ଧାରଣା ନଥିବା ହେତୁ ତାହା ନେବାକୁ ସେମାନେ ଇଚ୍ଛା ପ୍ରକାଶ କରୁ ନାହାନ୍ତି । ତେଣୁ ଚାଷୀଙ୍କୁ ଉତ୍ତମ ଚାରା ସମ୍ପର୍କରେ ସଚେତନ କରାଇବାକୁ କୁହାଯାଇଥିଲା। ଜିଲାରେ ଅଣ ଧାନଚାଷ ସମ୍ପର୍କିତ ସଚେତନତା କରାଯାଇ ଏହାର ଅଭିବୃଦ୍ଧି ହେଲେ ଚାଷୀମାନେ ଅଧିକ ଲାଭବାନ ହୋଇପାରିବେ । ତୈଳବୀଜ ଚାଷର ଅଭିବୃଦ୍ଧି କରାଗଲେ ମଧ୍ୟ ଅଧିକ ଲାଭ ପାଇପାରିବ ବୋଲି ଜିଲାପାଳ କହିଥିଲେ। ତେବେ ଜିଲାରେ ଯାହାବି ଚାଷ ହୁଏ ତାର ବିକ୍ରିବଟା ସୁବିଧା କରାଇବା, ଉନ୍ନତମାନର ଚାରା ଯୋଗାଇବା, କୃଷିଋଣର ସଂଖ୍ୟା ବୃଦ୍ଧି କରାଇବା, କ୍ଷେତକୁ ଜଳ ସେଚନର ବ୍ୟବସ୍ଥା ଆଦି ଆନୁସଙ୍ଗିକ ଭିତ୍ତିଭୂମିର ବିକାଶ ହୋଇ ପାରିଲେ କୃଷି ଓ କୃଷକର ଉନ୍ନତି ହେବ ବୋଲି ଜିଲାପାଳ ମତ ଦେଇଥିଲେ ।



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ ।

### ବ୍ଲକୱାରି ଚାଷ ଆକଳନ ନିର୍ଦ୍ଦେଶ

## ସଂକ୍ଷେପରେ

### ମେଡିକାଲରେ ପଡିଥିବା ମୃତଦେହ ପରିବାରକୁ ହସ୍ତାନ୍ତର

ଚିକିଟି,୧୯।୭(ଡି.ଏନ.ଏ.):ଚିକିଟିଗଡ଼ ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରବିବାରଠାରୁ ଏକ ଅଜଣା ମୃତଦେହ ପଡ଼ିରହିଥିଲା। ଏ ନେଇ ପ୍ରଶାସନ କି ପୋଲିସ କେହି ଗୁରୁତ୍ୱ ଦେଉନଥିବା ଅଭିଯୋଗ ହୋଇଥିଲା। ରବିବାର ଅପରାହ୍ନରେ ଆନ୍ଧ୍ରରୁ ଏକ ମାଲ ବୋଝେଇ ଟ୍ରକ ଚିକିଟି ଅଭିମୁଖେ ଆସୁଥିବା ବେଳେ ହଠାତ ହେଲପର ଜଣଙ୍କର ଛାତିରେ ଯନ୍ତ୍ରଣା ହେବାରୁ ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ହେଲେ ଦୀର୍ଘ ୨୪ଘଣ୍ଟା ବିତିଯାଇଥିଲେ ସୁଦ୍ଧା ଡାକ୍ତରଖାନାରେ ମୃତଦେହ ପଡ଼ିରହିଥିଲା। ପରେ କେ. ନୂଆଗାଁ ପୋଲିସ ପହଞ୍ଚି ପ୍ରାଥମିକ ତଦନ୍ତରୁ ମୃତଦେହ ଆନ୍ଧ୍ରର ବୋଲି ଜାଣିବାକୁ ପାଇଥିଲା। ମୃତଦେହଟି ପଚିବା ଆରମ୍ଭ ହେବାରୁ ମେଡିକାଲ କର୍ତ୍ତୃପକ୍ଷ ବିଡିଓ, ତହସିଲଦାରଙ୍କୁ ଅବଗତ କରାଇଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇନଥିଲା। ସୋମବାର ଚିକିତ୍ସାଧିକାରୀ ବ୍ରହ୍ମପୁର ଉପଜିଲାପାଳ ଓ ଜିଲାପାଳଙ୍କୁ ଏ ନେଇ ଅବଗତ କରାଇଛନ୍ତି ଓ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ତେବେ ମଙ୍ଗଳବାର ପରିବାର ଲୋକେ ପହଞ୍ଚି ମୃତଦେହ ଚିହ୍ନଟ କରି ନେଇଥିଲେ ବୋଲି ପୋଲିସ କହିଛି।

### ଭରତପତି ମହାବିଦ୍ୟାଳୟରେ ଚାରାରୋପଣ

ପାତ୍ରପୁର,୧୯।୭(ଡି.ଏନ.ଏ.):ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀ ସ୍ଥିତ ଭରତପତି ମହାବିଦ୍ୟାଳୟ ହଷ୍ଟେଲ ପରିସରରେ ମଙ୍ଗଳବାର ଚାରାରୋପଣ କାର୍ଯ୍ୟକ୍ରମ ମହାବିଦ୍ୟାଳୟ ଅଧ୍ୟକ୍ଷ ମାନସ ରଞ୍ଜନ ଆଚାର୍ଯ୍ୟଙ୍କ ତତ୍ତ୍ୱାଧାନରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦ, ଜାତୀୟ ସେବା ଯୋଜନା ଓ ଯୁବ ରେଡ଼କ୍ରସ ତରଫରୁ ମିଳିତ ଭାବେ ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଡ. ଅଶୋକ କୁମାର ପଣ୍ଡା, ଡ.ଜୟପ୍ରକାଶ ପାଢ଼ୀ, ତପନ କୁମାର ପ୍ରଧାନ, ବଳରାମ ମହାପାତ୍ର, ଶ୍ରୀନିବାସ ରାଓଙ୍କ ସହ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ମରଣାନ୍ତକ ଆକ୍ରମଣ ନେଇ ଥାନାରେ ମାମଲା

ଗୋପାଳପୁର,୧୯।୭(ଡି.ଏନ.ଏ.): ଜଣେକ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ ମଙ୍ଗଳବାର ଗୋଳନ୍ଥରା ଥାନାରେ ଅଭିଯୋଗ ହୋଇଛି। ଏହି ଥାନା ଅନ୍ତର୍ଗତ ରଙ୍ଗିପୁର ଗ୍ରାମର ଲକ୍ଷ୍ମୀ ସାଗର ଆଚାର୍ଯ୍ୟ ସୋମବାର ରାତିରେ ବ୍ରାହ୍ମଣ ସାହିସ୍ଥିତ କଲ୍ୟାଣ ମଣ୍ଡପରେ ଶୋଇଥିଲେ। ଏହି ସମୟରେ ସେହି ଗ୍ରାମର କାଳିଆ ନାହାକ ସାଗରଙ୍କ ବାଇକକୁ ଗଡ଼ାଇ ଗଡ଼ାଇ ନେଉଥିଲେ। ଏହା ସାଗର ଦେଖିବା ପରେ କାହିଁକି ମୋର ବାଇକକୁ ନେଉଛ ବୋଲି ପଚାରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତକ୍ଷିପ୍ତ ହୋଇ କାଳିଆ ସାଗରଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ସାଗର ମଙ୍ଗଳବାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୪୯/୨୨ରେ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଘଟଣା ପରଠାରୁ ଅଭିଯୁକ୍ତ ଫେରାର ଥିବା ବେଳେ ଶୀଘ୍ର ଅଭିଯୁକ୍ତଙ୍କୁ କାବୁ କରାଯିବ ବୋଲି ଥାନାଧିକାରୀ ବିବେକାନନ୍ଦ ମହନ୍ତ କହିଛନ୍ତି।

## ବିଧାନସଭାରେ ପ୍ରଶ୍ନ କଲେ ବିଧାୟିକା

### ଆସିକାରେ ନୂଆ ଥାନା ପ୍ରସଙ୍ଗ

**ଆସିକା,୧୯।୭(ଡି.ଏନ୍.ଏ.)**

ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ସୋମବାର ବିଧାନସଭାରେ ଆସିକାରେ ଏକ ନୂତନ ଥାନା ସ୍ଥାପନ ପ୍ରସଙ୍ଗ ଉଠାଇଥିଲେ। ଏହି ଥାନା ଅଞ୍ଚଳର ପରିସୀମା ବହୁତ ବଡ ହୋଇଥିବା ଯୋଗୁ ଆଇନ ବ୍ୟବସ୍ଥାର ସୁଚାରୁ ରୂପେ ଲୋକଙ୍କୁ ସେବା ଯୋଗାଇଦେବା ଲାଗି ଆସିକାରେ ଏକ ନୂତନ ଥାନା ପ୍ରତିଷ୍ଠା ଲାଗି ପଦକ୍ଷେପ ନେବାକୁ ବିଧାୟିକା ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତ ବେହେରା ଏହାର ଉତ୍ତର ଦେଇ କହିଥିଲେ ଯେ, ନୂଆ ଥାନା ପ୍ରତିଷ୍ଠା ଲାଗି ପ୍ରସ୍ତାବ ରହିଛି । ଆସିକା ଥାନା ଅନ୍ତର୍ଗତ କେଟିନଡା ଫାଣ୍ଡିକୁ ଥାନାରେ ପରିଣତ କରିବା ପାଇଁ ପ୍ରସ୍ତାବ ସରକାରଙ୍କ ବିଚାରାଧୀନ ରହିଥିବା ମନ୍ତ୍ରୀ ବିଧାନସଭାରେ ମତବ୍ୟକ୍ତ କରିଛନ୍ତି।

## ଆଦିବାସୀ ମହାବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା

**ବାଲିଗୁଡା,୧୯।୭(ଡି.ଏନ.ଏ.)**

ବାଲିଗୁଡ଼ା ସ୍ଥିତ ଆଦିବାସୀ ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଯୁକ୍ତ ୩ ଅନ୍ତିମ ବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଉକ୍ତ ଉତ୍ସବରେ ଅଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ସୀ ଅଧ୍ୟକ୍ଷତା କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ଡ.ବିଭୂତିଭୂଷଣ ଆଚାର୍ଯ୍ୟ ଉଦବୋଧନ ଛଳରେ ବିଭାଗର ସ୍ମୃତିଚାରଣ କରିଥିଲେ। ଅଧ୍ୟାପିକା ସ୍ନେହଲତା ମାଝୀ ଓ ଅଧ୍ୟାପିକା ସୁଲୋଚନା କହଁର ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ସୋନାଲିକା ପଣ୍ଡା, ବର୍ଷା ପ୍ରିୟଦର୍ଶିନୀ ପାତ୍ର, ବିଦାୟ କାଳୀନ ସଙ୍ଗୀତ ଗାନ କରିଥିଲେ। ଶରତ ପଟ୍ଟନାୟକ ଟୀକାରାମଙ୍କ ସଂଯୋଜନାରେ କାର୍ଯ୍ୟକ୍ରମଟି ବେଶ ଉପଭୋଗ୍ୟ ହୋଇପାରିଥିଲା।

## ଲଗାଣ ବର୍ଷାରେ ଜନଜୀବନ ପ୍ରଭାବିତ

### ସପ୍ତାହରେ ୪୧୫ ମିମି ବର୍ଷା



ଲଗାଣ ବର୍ଷାରେ ଭାଙ୍ଗିଯାଇଥିବା ଘର।

**ଜି.ଉଦୟଗିରି,୧୯।୭(ଡି.ଏନ.ଏ.)**

ଲଘୁଚାପ ଜନିତ ଲଗାଣ ବର୍ଷାରେ ଅସ୍ତବ୍ୟସ୍ତ ଜନ ଜୀବନ। ସପ୍ତାହ ମଧ୍ୟରେ ୪୧୫ ମିମି ବର୍ଷା ହୋଇଥିବା ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ରେକର୍ଡ ହୋଇଛି। ଫଳରେ ଲଗାଣ ବର୍ଷାରେ ଘରୁ ବାହାରିବା ମୁସ୍କିଲ ହେଉଥିବା ବେଳେ କଚ୍ଚା ଘରେ ରହୁଥିବା ଲୋକମାନଙ୍କୁ ଘରୁ ବାହାରିବାକୁ ବାଧ କରିଛି। ବ୍ଲକର ବିଭିନ୍ନ ସ୍ଥାନରେ ରାସ୍ତା ଉପରକୁ ପଥର ଖସି ଗଦା ହୋଇଛି ତ କେଉଁଠି ରାସ୍ତାଘାଟ ଧୋଇ ହୋଇଯାଇଛି। ବିଭିନ୍ନ ସ୍ଥାନରେ କଚ୍ଚା ଘର ଭାଙ୍ଗିବାର ଚିତ୍ର ଦେଖିବାକୁ ମିଳିଛି। ଲଗାଣ ବର୍ଷାରେ ଚାଷ ଆଉ ଚାଷୀ ହୋଇଛନ୍ତି ପ୍ରଭାବିତ। ଚାଷଜମିରେ ପାଣି ଜମିବା ଫଳରେ ପନିପରିବା ତଳି ନଷ୍ଟ ହେବାକୁ ଯାଉଥିବା ବେଳେ ଫୁଟପାଥରେ ପରିବା ବିକ୍ରି କରି ପେଟପୋଷିବାକୁ ଆସୁଥିବା ଚାଷି ମଧ୍ୟ ପ୍ରଭାବିତ ହୋଇଛନ୍ତି। ଲଗାଣ ବର୍ଷାରେ ବାଉଡିର ତକ୍ଷଶିଳା ପ୍ରଧାନ, କିରାମାହାର ରୋମଣି ପ୍ରଧାନ, ଗ୍ରେସିଙ୍ଗିଆର କୁରୁଡି ପ୍ରଧାନ, ବୁରୁପାଟିର ମିକେସ ପ୍ରଧାନ, ଇନ୍ଦିରା ପଡିଆର ରିଣ୍ଟୁ ମଳିକ ଘର ନଷ୍ଟ ହୋଇଯାଇଥିବା ବେଳେ ବାଉଡିର ଦହନ ନାୟକ, କିରାମାହାର ହୀରାମତି ପ୍ରଧାନ, ଅନନ୍ତି ପ୍ରଧାନ, ଗଡାବିଶାର ସୁନାଫୁଲ୍ଲ ପ୍ରଧାନ, ରାମିନା ପ୍ରଧାନ, ସରସ୍ୱତୀ ପ୍ରଧାନଙ୍କ ଘର ଆଶିଂକ କ୍ଷୟକ୍ଷତି ହୋଇଛି। ଏହା ସହିତ ଗ୍ରେସିଗିଂଆ ପଞ୍ଚାୟତର ସୁଗାମାହା ରାସ୍ତା ଲଗାଣ ବର୍ଷାରେ ଧୋଇ ହୋଇଥିବା ବେଳେ ପାହାଡ଼ରୁ ପଥର ଖସି ରାସ୍ତା ଉପରେ ଗଦା ହୋଇଥିବା ଦେଖିବାକୁ ମିଳିଛି। ଗ୍ରେସିଗିଂଆ ସରପଞ୍ଚ ତ୍ରିଶଳା ପ୍ରଧାନ ପ୍ରଭାବିତଙ୍କ ନିକଟରେ ପହଞ୍ଚି ସେମାନଙ୍କ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା କରିବା ସହିତ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ତହସିଲ ତରଫରୁ ପ୍ରଭାବିତ ମାନଙ୍କୁ ପଲିଥିନ ସିଟ ଦିଆଯାଇଥିବା ବେଳେ କ୍ଷୟକ୍ଷତି ଆକଳନ କରାଯାଉଥିବା ଜଣାପଡିଛି।

## ଜନ ଆରୋଗ୍ୟ ସମିତିର ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର

**ପାତ୍ରପୁର,୧୯।୭(ଡି.ଏନ.ଏ.)**

ପାତ୍ରପୁର ବ୍ଲକ ବରଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଦୁଇ ଦିନିଆ ଜନ ଆରୋଗ୍ୟ ସମିତି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଆୟୁଷ ଡାକ୍ତର ରାମ ବଲ୍ଲଭ ପଣ୍ଡା, ବିପିଏମ୍ ରବି ନାରାୟଣ ସାହୁ, ପିଏଚ୍ଇଓ ପଦ୍ମିନୀ ନାୟକ, ସ୍ୱାସ୍ଥ୍ୟ କର୍ମୀ କିଶୋର ପଟ୍ଟନାୟକ ପ୍ରମୁଖ ରହି ପ୍ରଶିକ୍ଷଣ ଦେଇଥିଲେ। ଅପର ପକ୍ଷେ ସ୍ୱାସ୍ଥ୍ୟ କର୍ମୀ, ସରପଞ୍ଚ, ୱାର୍ଡ ସଭ୍ୟ ୱାର୍ଡ ସଭ୍ୟା, ଏସ୍ଏଚ୍ଜି ସଭାନେତ୍ରୀ, ଜିପିଏଲ୍ଏଫ ସଭାନେତ୍ରୀ, ଗାଁ କଲ୍ୟାଣ ସମିତି ୱାର୍ଡ ସଭ୍ୟ ଓ ଅନ୍ୟମାନେ ଉପସ୍ଥିତ ରହି ପ୍ରଶିକ୍ଷଣରେ ଭାଗ ନେଇଥିଲେ।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଦୁର୍ନୀତି ଅଭିଯୋଗ

**ପାତ୍ରପୁର,୧୯।୭(ଡି.ଏନ.ଏ.)**

ଗଞ୍ଜାମ ଜିଲାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପାଇଁ ପାତ୍ରପୁର ବ୍ଲକ ଏକ ନଂ. ହୋଇ ପୁରସ୍କୃତ ହୋଇଥିବା ବେଳେ ଏହି କାର୍ଯ୍ୟରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ପୂର୍ବରୁ ତଣ୍ଡିପୁର ସମିତି ସଭ୍ୟ ଅଭିଯୋଗ ଆଣିଥିବା ବେଳେ ଏବେ ଆମ୍ବପୁର ସରପଞ୍ଚ ତପୋଇ ବେହେରାଙ୍କ ଅଭିଯୋଗକୁ ନେଇ ଚର୍ଚ୍ଚା ଜୋର ଧରିଛି। ପଞ୍ଚାୟତର ସରପଞ୍ଚ ହୋଇଥିବା ବେଳେ ତାଙ୍କ ଅଗୋଚରରେ ଚାଲିଛି ଆମ୍ବପୁରରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ । ଗତ ମାସ ୧୬ ତାରିଖରେ ପଞ୍ଚାୟତରେ କାର୍ଯ୍ୟ ବନ୍ଦ ହୋଇଥିବା ଓ ଶ୍ରମିକମାନେ ପ୍ରାପ୍ୟ ପାଇସାରିଥିବା ବେଳେ କେତେଜଣ ବ୍ୟକ୍ତିଙ୍କ ପ୍ରରୋଚନାରେ ବ୍ଲକର ଜିଆର୍‌ଏସ୍ ଓ ଜେଇ କାମ ଚଳାଉ ଥିବା ଖୋଦ ସରପଞ୍ଚ ଅଭିଯୋଗ କରିଛନ୍ତି। ସରପଞ୍ଚ ଜଣେ ମହିଳା ଓ ଅନୁସୂଚିତ ଜାତିର ହୋଇଥିବା ହେତୁ ଜେଇ ଓ ଜିଆର୍‌ଏସ୍ କୌଣସି କଥାକୁ ଭ୍ରୂକ୍ଷେପ ନ କରି ନିଜ ଇଚ୍ଛା ମୁତାବକ କାମ କରୁଥିବା ଅଭିଯୋଗ କରିଛନ୍ତି। ଆଗକୁ ଏହିଭଳି ମହା ଦୁର୍ନୀତି କାର୍ଯ୍ୟ ଯେପରି ନ ହେବ ସେଥିପାଇଁ ସରପଞ୍ଚ ପାତ୍ରପୁର ବିଡିଓଙ୍କୁ ଏକ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ।

## ଗୁହାରି ଜଣାଇଲେ ଅସହାୟ ଭଉଣୀ ଭାଇ

**ଆର.ଉଦୟଗିରି,୧୯।୭ (ଡି.ଏନ.ଏ.)**

ଗଜପତି ଜିଲା ମୋହନା ବ୍ଲକ କେଶରୀଗୁଡା ପଞ୍ଚାୟତରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ହୋଇଥିଲା। ଏହି ଶୁଣାଣିରେ ନିଜର ଗୁହାରି ଜଣାଇଛନ୍ତି ବାପା ମା' ଛେଉଣ୍ଡ ଭାଇ ଭଉଣୀ। ଡେଙ୍ଗାଶଖାଲ ପଞ୍ଚାୟତ ପାଟିପଙ୍କା ଗ୍ରାମର ୧୨ ବର୍ଷୀୟ ସୁଜିତ୍ ଗମାଙ୍ଗ ଓ ନିଜ ସାନ ଭଉଣୀ ବର୍ଣ୍ଣିତା ଗମାଙ୍ଗ ନିଜର ଗୁହାରି ଜଣାଇଛନ୍ତି। ଉଭୟ ଛୋଟ ଥିବା ବେଳେ ପ୍ରଥମେ ମା ସର୍ପ ଦଂଶନରେ ମୃତ୍ୟୁବରଣ କରିଥିବା ବେଳେ ବାପା ଗୋଟିଏ ବର୍ଷ ପରେ ଅଜଣା ରୋଗରେ ଆରପାରିକୁ ଚାଲି ଯାଇଥିଲେ। ସେହି ଦିନଠାରୁ ସେମାନେ ଜେଜେ ବାପାଙ୍କ ପାଖରେ ରହି ଗାଁ ବିଦ୍ୟାଳୟରେ ପଢୁଛନ୍ତି। ସେମାନଙ୍କ ପାଠ ପଢ଼ିବା ପଇଁ ଭଲ ହଷ୍ଟେଲ ସୁବିଧା ଓ ଅନ୍ୟାନ୍ୟ ସାହାଯ୍ୟ ଯୋଗାଇବାକୁ ଅନୁରୋଧ କରିଛନ୍ତି। ଜିଲାପାଳ ଲିଙ୍ଗରାଜ ପଣ୍ଡା ବିଳମ୍ବରେ ପହଞ୍ଚି ଥିବାରୁ ଭାଇଭଉଣୀ ଦୁଇଜଣ ପ୍ରକଳ୍ପ ନିର୍ଦ୍ଦେଶକ ରୋମାଞ୍ଚଳ ଖମାରୀଙ୍କୁ ନିଜ ଗୁହାରି ଶୁଣାଇଛନ୍ତି। ତେବେ ସେମାନଙ୍କ ଅଭିଯୋଗର ସମାଧାନ ହୋଇପାରିନାହିଁ। ଅନ୍ୟପକ୍ଷରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ କହିଛନ୍ତି ତୁରନ୍ତ ଜିଲା ପ୍ରଶାସନ ପକ୍ଷରୁ ସେମାନଙ୍କୁ ସବୁ ସୁବିଧା ଯୋଗାଇ ଦିଆଯିବ। ଅନ୍ୟପକ୍ଷରେ ଜିଲାପାଳ ଶ୍ରୀ ପଣ୍ଡା ବିଭିନ୍ନ ଅଭିଯୋଗ ଶୁଣିବା ସହ ଭୂମିହୀନ ପରିବାରକୁ ଜଙ୍ଗଲ ଜମି ପଟ୍ଟା ଓ ଦିବ୍ୟାଙ୍ଗଙ୍କୁ ସାଇକେଲ ପ୍ରଦାନ କରିଥିଲେ। ଅତିରିକ୍ତ ଏସପି ବାମଦେବ ସିଂ, ତହସିଲଦାର କିଶୋର ଚନ୍ଦ୍ର ଦାଶ, ଏସଡିପିଓ ଦିଲ୍ଲୀପ କୁମାର ନାୟକ, ବ୍ଲକ୍ ଅଧ୍ୟକ୍ଷ ରଞ୍ଜିବ ଶବରଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଶୁଣାଣିରେ ସାମୂହିକ ୫୫ଟି ଓ ବ୍ୟକ୍ତିଗତ ୩୫ଟି ଅଭିଯୋଗ ଥିଲା। ରେଡକ୍ରସରୁ ୧୨ ଜଣଙ୍କୁ ୨୩ ହଜାର ଟଙ୍କା, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଜଣଙ୍କୁ ୧୫ ହଜାର ଟଙ୍କା ପ୍ରଦାନ କରାଯାଇଛି।



ଅଭିଯୋଗ ଶୁଣାଣିରେ ଭାଇ ଓ ଭଉଣୀ।

### ଜିଲାପାଳଙ୍କ ଅଭିଯୋଗ ଶୁଣାଣି

## ରାଧାପ୍ରେମ ଲୀଳା ଗୁରୁଙ୍କ ଶ୍ରଦ୍ଧାଞ୍ଜଳି ସଭା

**ଛତ୍ରପୁର,୧୯।୭(ଡି.ଏନ୍.ଏ.)**

ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ରାଧାପ୍ରେମ ଲୀଳା ଏବଂ ସଖି ନାଚ ଗୁରୁ ସ୍ୱର୍ଗତ ସୀମାଞ୍ଚଳ ମଣ୍ଡଳଙ୍କ ଶ୍ରଦ୍ଧାଞ୍ଜଳି ସଭା ସୁନ୍ଦରପୁର ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି । ଶ୍ରଦ୍ଧାଞ୍ଜଳି ସଭାରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ପୁଷ୍ପ ଅର୍ପଣ କରିଥିଲେ। ପୂର୍ବତନ ଜିଲା ସଂସ୍କୃତି ଅଧିକାରୀ କୃଷ୍ଣଚନ୍ଦ୍ର ନିଶଙ୍କ, ଜିଲା ସଂସ୍କୃତି ପରିଷଦର ଉପସଭାପତି ସନ୍ତୋଷ ପାଢ଼ୀ, ବାଘନୃତ୍ୟ ଗୁରୁ ନାରାୟଣ ମହାରଣା, ସଖିନାଚ ଗୁରୁ କାଳୁ ଚରଣ ସାହୁ, ସୁନ୍ଦରପୁର ସରପଞ୍ଚ ଗଗନ ବେହେରା,ବିବିଧା ଫାଉଣ୍ଡେସନ ଫର ଆର୍ଟ ଏଣ୍ଡ କଲଚରର ସମ୍ପାଦକ ପ୍ରଶାନ୍ତ କୁମାର ପଟ୍ଟନାୟକ, ରାମେଶ୍ୱର ପଣ୍ଡା, ଜିଲା ପରିଷଦ ସଦସ୍ୟ ଉପସ୍ଥିତ ଥିଲେ। ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ତଥା ଘୁଡୁକୀ ଏବଂ ସଖିନାଚ ଗୁରୁ ଆଲୋକ ବିଷୋୟୀ ସଭା ସଂଯୋଜନା କରିଥିଲେ।

## ଭୂସ୍ଖଳନ ପରେ ପ୍ରଶାସନର ପ୍ରସ୍ତୁତି

### ଦୁଇ ଗାଁକୁ ଯାତାୟାତ ସ୍ୱାଭାବିକ, ପିଇବା ପାଣିକୁ ଗୁରୁତ୍ୱ



ଜେସିବି ଦ୍ୱାରା ରାସ୍ତା କାମ କରାଯାଉଛି।

**ପାରଳାଖେମୁଣ୍ଡି,୧୯।୭(ଡି.ଏନ୍.ଏ.)**

ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଅନ୍ତର୍ଗତ ବି.କଳାକାଟ ପଞ୍ଚାୟତ ଅଧୀନସ୍ଥ ଜାଙ୍ଗରିଡୁଲ ଓ ବଙ୍ଗଡ଼ିସିଂ ଗ୍ରାମ ନିକଟରେ ଲଗାଣ ବର୍ଷା ପ୍ରଭାବରେ ରବିବାର ଭୂସ୍ଖଳନ ହୋଇଥିଲା। ଭୂସ୍ଖଳନ ପରେ ଏହି ଦୁଇ ଗାଁ ମୁଖ୍ୟ ରାସ୍ତା ପଥର ମାଟିରେ ଅବରୋଧ ହୋଇ ଯାଇଥିଲା; ଫଳରେ ଯାତାୟାତ ଠପ ହୋଇଥିଲା। କିନ୍ତୁ ପ୍ରଶାସନ ପକ୍ଷରୁ ଘଟଣାପରଠାରୁ ପ୍ରାଥମିକ ସ୍ତରରେ ତତ୍ପରତା ହୋଇ ଅନେକ ପ୍ରବାହିତ ହେଉଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନରେ ଥଇଥାନ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିଥିଲେ। ସୂଚନାଯୋଗ୍ୟ, ଭୂସ୍ଖଳନ ଯୋଗୁ କଲଭର୍ଟ ମାଟିରେ ମିଶି ରାସ୍ତାଟି ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଥିଲା। କିନ୍ତୁ ମଙ୍ଗଳବାର ଏହି ରାସ୍ତାଟି ଯାତାୟାତ ନିମନ୍ତେ ସ୍ୱାଭାବିକ ହୋଇଛି। ରବିବାର ଓ ସୋମବାର ଦିନରାତି ଜେସିବି ମାଧ୍ୟମରେ ଏହି ରାସ୍ତା କାମ କରିବା ସହ ବଙ୍ଗଡ଼ିସିଂଠାରୁ ବଡ଼ କଳାକଟ ପର୍ଯ୍ୟନ୍ତ କୌଣସି ପ୍ରକାର ଅସୁବିଧା ନ ଥିବା ଜଣାପଡ଼ିଛି। ସେହିପରି ଏହି ଦୁଇ ଗ୍ରାମର ପିଇବା ପାଣି ବନ୍ଦ ରହିଥିବା ବେଳେ ପ୍ରଶାସନ ପକ୍ଷରୁ ଦୁଇଟି ପାଣି ଟ୍ୟାଙ୍କର ବ୍ୟବସ୍ଥା କରାଯାଇଛି। ଏଥିସହ ୩ଦିନ ଧରି କ୍ଷତିଗ୍ରସ୍ତ ପରିବାର ଲୋକଙ୍କୁ ରନ୍ଧା ଖାଦ୍ୟ ଦିଆଯାଇଛି ବୋଲି ବିଡିଓ ଭାସ୍କର ଚନ୍ଦ୍ର ସାହୁ କହିଛନ୍ତି। ବିଶେଷ କରି ଚାଷଜମି କ୍ଷତିଗ୍ରସ୍ତ ଚାଷୀଙ୍କ ପାଇଁ ଆର୍‌ଆଇ ଓ କୃଷି ଅଧିକାରୀମାନେ ଉପସ୍ଥିତ ରହି କ୍ଷୟକ୍ଷତିର ଆକଳନ କରିଛନ୍ତି। ସମସ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରଙ୍କ ଦ୍ୱାରା କ୍ଷତିପୂରଣ ଅର୍ଥ ପ୍ରଦାନ କରାଯିବ ବୋଲି ତହସିଲଦାର କହିଛନ୍ତି। କ୍ଷତିଗ୍ରସ୍ତ ଚାଷୀମାନେ ସ୍ଥାନୀୟ ସରପଞ୍ଚ ଶୁଭନିତା ରଇତ, ପିଇଓ, ନାଇବ ସରପଞ୍ଚ ଓ ୱାର୍ଡ ମେମ୍ବରଙ୍କ ଜରିଆରେ ଆବେଦନ ପ୍ରକ୍ରିୟା ଜାରି କରାଯାଇଛି ବୋଲି ସରପଞ୍ଚ କହିଛନ୍ତି। ଏ ନେଇ ୧୦ହେକ୍ଟର ଚାଷଜମି ଉପରେ ମାଟି ପଥର ପଡ଼ି ନଷ୍ଟ ହେଉଥିବା ଆନୁମାନିକ କରାଯାଇଛି ବୋଲି ଗୁମ୍ମା ଆରଆଇ ପ୍ରାଣକୃଷ୍ଣ ପ୍ରଧାନ କହିଛନ୍ତି ।

## ଡେଥ୍‌ଜୋନ ପାଲଟିଛି କନିଷି ହାଟ ଛକ

**ଗୋପାଳପୁର,୧୯।୭ (ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଅଧିନସ୍ଥ ୧୬ନଂ ଜାତୀୟ ରାଜପଥ ଗିରିସୋଲା ଠାରୁ ଜଗନ୍ନାଥପୁର ଛକ ଡେଥ୍ ଜୋନ ପାଲଟିଛି। ବିଭିନ୍ନ ଛକମାନଙ୍କରେ ଦୁର୍ଘଟଣା ଘଟି ଅନେକ ଜୀବନ ହାନୀ ହେଉଛି। ପ୍ରଶାସନ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷ ପକ୍ଷରୁ ସୋରଲା ରୋଡ, ଗୋଳନ୍ଥରା ଚଟି, ରଣ୍ଡା, କନିଷି ହାଟ ଆଦି ଛକଗୁଡ଼ିକୁ ବ୍ଲାକସ୍ପଟ ଚିହ୍ନଟ କରାଯାଇଛି। ଦୀର୍ଘଦିନ ହେଲା ରଣ୍ଡା ଛକ, ଗୋଳନ୍ଥରା ଚଟି ଛକ ଓ କନିଷି ହାଟ ଛକରେ ଓଭରବ୍ରିଜ ନିର୍ମାଣ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଆସୁଛନ୍ତି। କନିଷି ହାଟ ଛକଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହୋଇଥିବା ବେଳେ ଏଠାରେ ରଙ୍ଗେଇଲୁଣ୍ଡା ବ୍ଲକ କାର୍ଯ୍ୟାଳୟ, କନିଷି ତହସିଲ କାର୍ଯ୍ୟାଳୟ, ସବରେଜିଷ୍ଟ୍ରାର ଅଫିସ, ଦୁଇଟି ଉଚ୍ଚ ବିଦ୍ୟାଳୟ ରହିଛି। ଉକ୍ତ ସ୍ଥାନଟି ବାଣିଜ୍ୟିକ ପେଣ୍ଠସ୍ଥଳୀ ରୂପେ ପରିଚିତ ହୋଇଥିବାରୁ ୨୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଏହି ଛକ ଉପରେ ନିର୍ଭର କରିଥାନ୍ତି। ଗତ କିଛିମାସ ହେବ କନିଷି ହାଟ ଛକର ଉଭୟପଟ ରାସ୍ତାକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଛି। ଉଭୟ ପଟ ରାସ୍ତାରେ ଦୈନିକ ଶହ ଶହ ଟ୍ରକ ମଧ୍ୟ ଯାତାୟାତ କରୁଛନ୍ତି। ଫଳରେ ରାସ୍ତା ପାର ହେବାକୁ ସ୍ଥାନୀୟ ବାସିନ୍ଦା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଯିବା ପାଇଁ ହେଲେ ଦୀର୍ଘ ଦେଢ଼ କିମି ରାସ୍ତା ଅତିକ୍ରମ କରିବାକୁ ପଡୁଛି। ତେଣୁ ଛାତ୍ରଛାତ୍ରୀଙ୍କ ସମେତ ଜନସାଧାରଣ ଡିଭାଇଡ଼ର ଚଢ଼ି ରାସ୍ତା ପାର ହେଉଛନ୍ତି। ତେଣୁ ଯେକୌଣସି ମୁହୂର୍ତ୍ତରେ ଦୁର୍ଘଟଣା ଘଟି ଜୀବନ ହାନୀ ହେବାର ଆଶଙ୍କା ରହିଛି। ଏ ନେଇ ବାରମ୍ବାର ପ୍ରଶାସନ ଠାରୁ ଆରମ୍ଭ କରି ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କଠାରେ ଅଭିଯୋଗ କଲେ ମଧ୍ୟ କେହି ପଦକ୍ଷେପ ନେଉନାହାନ୍ତି। ଦୁର୍ଘଟଣା ଘଟିଲେ ପ୍ରଶାସନ ପହଞ୍ଚି ବିଭିନ୍ନ ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ତାହା ଫଳପ୍ରଦ ହୋଇପାରୁନାହିଁ। ତେଣୁ ତୁରନ୍ତ ଜିଲା ପ୍ରଶାସନ ଦୃଷ୍ଟିଦେଇ କନିଷି ହାଟ ଛକରେ ଓଭରବ୍ରିଜ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



ଡିଭାଇଡ଼ର ଚଢ଼ି ରାସ୍ତା ପାର ହେଉଛନ୍ତି ଛାତ୍ରୀଛାତ୍ର।

